# ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସ୍ୱୀକୃତି ଓ ସରକାରଙ୍କର କେନ୍ଦୁପତ୍ର ଓ ବାଉଁଶର ଏକଚାଟିଆ ବ୍ୟବସାୟ ବନ୍ଦ କରିବାପାଇଁ ଜନସମାବେଶ

ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସକୃତୀ) ଆଇନ ୨୦୦୬ ମୁଖ୍ୟତଃ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନେ ଚାଷ ଓ ଘର କରିଥିବା ଜଙ୍ଗଲ ଜମି ଉପରେ ବ୍ୟକ୍ତିଗତ ଓ ବ୍ୟବହାର କରୁଥିବା ଜଙ୍ଗଲ ଉପରେ ସାମୁଦାୟିକ ଅଧିକାର ଉପରେ ସକୃତୀ କରି ସେମାନଙ୍କ ଉପରେ ହୋଇଥିବା ଐତିହାସିକ ଅନ୍ୟାୟକୁ ବନ୍ଦ କରିବା ପାଇଁ ଅଣାଯାଇଥିଲା । ଏତେ ଦିନ ହେବ ଆଇନ ଆସିଥିଲେ ମଧ୍ୟ ଏହାର ସଂପୂର୍ଣ୍ଣ ସୁଫଳ ବନବାସୀମାନଙ୍କୁ ଏ ପର୍ଯ୍ୟନ୍ତ ମିଳିନାହିଁ । ଓଡିଶାରେ ଏ ସମ୍ବନ୍ଧୀୟ ଥିବା କେତେକ ସମସ୍ୟା ନିମ୍ନରେ ପ୍ରଦାନ କରାଗଲା ।

୧. <u>ଗୋଷ୍ଠୀଗତ ଜଙ୍ଗଲ ଅଧିକାର-</u>

ଆଇନର ଧାରା ୩(୧)(ଖ), (ଗ), (ଘ), (ଡ),(ଜ), (ୟ), (ତ),(ଟ) ଏବଂ (ଠ)ରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ପ୍ରାବଧାନ ଅଛି । ଏହା ମୁଖ୍ୟତଃ ଗ୍ରାମ ସୀମା ଓ ବାହାରୁ ସଂଗ୍ରହ ହୋଇ ଆସୁଥିବା ଲଘୁ ବନ ଜାତ ଦ୍ରବ୍ୟ ଉପରେ ମାଲିକାନା, ସଂଗ୍ରହ, ବ୍ୟବହାର ଏବଂ ବିକ୍ରୟ ନିମନ୍ତେ ଅଧିକାର, ଜଳଶୟ, ଝରଣା ଓ ନଦୀମାନଙ୍କରୁ ମାଛ ଓ ଅନ୍ୟାନ୍ୟ ପଦାର୍ଥ ସଂଗ୍ରହର ଅଧିକାର, ଚାରଣ ଅଧିକାର, ପୂଜା କରିବାର ଅଧିକାର, ପଶୁ ଶିକାର ବ୍ୟତୀତ ଅନ୍ୟ ସମସ୍ତ ପାରମ୍ପରିକ ଅଧିକାର ଗୁଡିକୁ ସ୍ୱୀକୃତି ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ଅଛି । ଗୋଷ୍ଠୀଗତ ଅଧିକାର ପାଇଁ ଗୋଷ୍ଠୀ/ଗ୍ରାମସଭା ନାମରେ ସ୍ୱୀକୃତି ପତ୍ର ପ୍ରଦାନ କରିବାର ପ୍ରାବଧନ ଅଛି ।

- ଏ ପର୍ଯ୍ୟନ୍ତ ଓଡିଶାରେ ୫୪୫ ଗ୍ରାମକୁ ଗୋଷ୍ଠୀଗତ ସ୍ୱୀକୃତି ପତ୍ର ମିଳିଛି । ମାତ୍ର ଓଡିଶାରେ ୨୯୩୦୨ଟି ଜଙ୍ଗଲ ପାଖ ଗ୍ରାମ ଅଛି ।
- ଗୋଷ୍ଠୀଗତ ସ୍ୱୀକୃତି ପ୍ରକ୍ରିୟା ଠିକ ଭାବରେ କରାଯାଇନାହିଁ । ଛୋଟ ଛୋଟ ଜଙ୍ଗଲ ଅଞ୍ଚଳରେ ସ୍ୱୀକୃତି ପ୍ରଦାନ କରାଯାଇଛି କିନ୍ତୁ ଗାଁର ପାରମ୍ପରିକ ସୀମା ମଧ୍ୟରେ ବହୁତ ଅଧିକ ପରିମାଣର ଜଙ୍ଗଲ ଅଞ୍ଚଳ ଅଛି । (ଏପରିକି ରାୟଗଡା ଜିଲ୍ଲାର ଗୋଟିଏ ଗ୍ରାମକୁ ୪.୮୫ ଏକର ଓ କଟକର ଦୁଇଟି ଗ୍ରାମକୁ ସମୁଦାୟ ୪.୮୪ ଏକର ଆଦି ସ୍ୱୀକୃତି ମିଳିଛି )। ଅନେକ କ୍ଷେତ୍ରରେ ବନସୁରକ୍ଷା ସମିତିକୁ ପ୍ରଦାନ କ୍ରାଯାଇଥିବା ଜଙ୍ଗଲକୁ ଗୋଷ୍ଠୀ ଜଙ୍ଗଲ ସଂପଦ ହିସାବରେ ସ୍ୱୀକୃତି ପ୍ରଦାନ କରାଯାଇଛି ଯାହା ଗାଁର ପାରମ୍ପରିକ ସୀମା ମଧ୍ୟରେ ଥିବା ଜଙ୍ଗଲ ଅଞ୍ଚଳରୁ ବହୁତ କମ୍ ।
- ଏହି ଆଇନର ଧାରା ୩.୧(ୟ) ଓ ୫ ଗ୍ରାମବାସୀଙ୍କୁ ସଂରକ୍ଷଣ  ସୁରକ୍ଷା ଓ ପରିଚାଳନାର ଅଧିକାର ପ୍ରଦାନ କରିଛି ।  ନିୟମ ୪.୧ (ଡ) ଓ (ଚ) ଅନୁସାରେ ଜଙ୍ଗଲ ପରିଚାଳନା ଓ ସୁରକ୍ଷା ପାଇଁ ଗ୍ରାମସଭାର ସଦସ୍ୟା/ସଦସ୍ୟଙ୍କୁ ନେଇ ଗ୍ରାମସଭା କମିଟି ଗଠନ କରିବ ଓ ସୁରକ୍ଷା ପରିଚାଳନା ପାଇଁ କମିଟି ଏକ ଯୋଜନା ପ୍ରସ୍ତୁତ କରିବ । ମାତ୍ର ସ୍ୱୀକୃତି ପ୍ରାପ୍ତ ଗାଁ ଗୁଡିକୁ ଏ ବିଷୟରେ ସରକାର ଅବଗତ ନ କରାଇ ଆଗରୁ ଚାଲିଥିବା ଜଙ୍ଗଲ କାର୍ଯ୍ୟକାରୀ ଯୋଜନା ଅନୁସାରେ କାର୍ଯ୍ୟ କରୁଛନ୍ତି ।

୨. **ଲଘୁ ବନଜାତ ଦ୍ରବ୍ୟ-**

ଆଇନର ଦାରା ୨(୯) ଅନୁସାରେ ଲଘୁ ବନଜାତ ଦ୍ରବ୍ୟ ଅର୍ଥାତ ବୃକ୍ଷଜାତ ସମସ୍ତ ଅଣକାଷ୍ଠ ବନଜାତ ଦ୍ରବ୍ୟ ଯେଉଁଥିରେ ବାଉଁଶ, ଝାଟି, ଛୋଟ ଗଛର ଡାଳ, ବେତ, ଟସର, କୋଷା, ମହୁ, ମହମ, ଲାଖ, କେନ୍ଦୁପତ୍ର, ଔଷଧୀୟ ବୃକ୍ଷଲତା, ମୂଳ, ଚେରମୂଳି, କନ୍ଦା ଆଦି ଅନ୍ତର୍ଭୁକ୍ତ । ଧାରା ୩(୧) ଗ ଅନୁସାରେ ବନବାସୀମାନଙ୍କୁ ପାରମ୍ପରିକ ଭାବେ ନିଜ ଗ୍ରାମ ମଧ୍ୟରେ କିମ୍ବା ଗ୍ରାମ ବାହାର ସୀମାରୁ ସଂଗ୍ରହ ହୋଇ ଆସୁଥିବା ଲଘୁ ବନଜାତ ଦ୍ରବ୍ୟର ମାଲିକାନା, ସଂଗ୍ରହ, ବ୍ୟବହାର ଏବଂ ବିକ୍ରୟ ନିମନ୍ତେ ଅଧିକାରର ପ୍ରାବଧାନ ଅଛି ।

- **ବାଉଁଶ-**

ଏବେ ବାଉଁଶ ଏକ ଲଘୁ ବନଜାତ ଦ୍ରବ୍ୟ । ଗ୍ରାମବାସୀ ଏବେ ଏହାକୁ ସହନୀୟ ଭାବେ ସଂଗ୍ରହ କରି ବିକ୍ରି କରିପାରିବେ। ମହାରାଷ୍ଟ୍ରର ଅନେକଗୁଡିଏ ଗ୍ରାମ ତାଙ୍କ ଗୋଷ୍ଠୀ ଜଙ୍ଗଲ ଅଞ୍ଚଳରୁ ବାଉଁଶ ଅମଳ କରି ବିକ୍ରୟ କରିବା ଆରମ୍ଭ କରିଛନ୍ତି । ସେଠାରେ ବନ ବିଭାଗ ଗ୍ରାମସଭାକୁ ଟ୍ରାନଜିଟ ପରମିଟ ବହି ପ୍ରଦାନ କରୁଛି । ଗ୍ରାମସଭା ବାଉଁଶ କିଣୁଥିବା ବ୍ୟବସାୟୀଙ୍କୁ ଟ୍ରାନଜିଟ ପରମିଟ୍ ପ୍ରଦାନ କରୁଛି ।

ଜୁନ୍ ୨୦, ୨୦୧୨ରେ କଳାହାଣ୍ଡି ଜିଲ୍ଲାର ଜାମଗୁଡା ଗ୍ରାମସଭା ତାଙ୍କ ଗୋଷ୍ଠୀ ଜଙ୍ଗଲ ଅଞ୍ଚଳରୁ ଫୁଲ ହୋଇଯାଇଥିବା ବାଉଁଶ ଅମଳ କରିଥିଲେ ଓ ଜଙ୍ଗଲ ବିଭାଗକୁ ଟ୍ରାନଜିଟ ପରମିଟ ବହି ପାଇଁ ଆବେଦନ କରିଥିଲେ ମାତ୍ର ବନବିଭାଗ ଟ୍ରାନଜିଟ୍ ପରମିଟ୍ ନ ଦେବାରୁ ଗ୍ରାମସଭା ବାଉଁଶ ବିକ୍ରି କରିପାରିଲାନାହିଁ । ଏଥିନେଇ କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରୀ ଏକ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦେବା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ବିକ୍ରିର ଅସୁବିଧା ଯୋଗୁଁ ଜାମଗୁଡା ଓ ଆଖପାଖ ଗାଁର କୋଟି କୋଟି ଟଙ୍କାର ବାଉଁଶ ଜଙ୍ଗଲ ମଧ୍ୟରେ ଖତ ଖାଇଗଲା ।

- **କେନ୍ଦୁପତ୍ର-**

ଅଇନ ଅନୁସାରେ କେନ୍ଦୁପତ୍ରର ମାଲିକ ଏବେ ଏହାର ସଂଗ୍ରହକାରୀ । ସେମାନେ ମଧ୍ୟ ଏହାର ସିଧା ସଳଖ ବିକ୍ରି କରିପାରିବେ । କିନ୍ତୁ ଓଡିଶା ସରକାର ଏବେ କେନ୍ଦୁପତ୍ରର ଏକଚାଟିଆ ବ୍ୟବସାୟ କରୁଛନ୍ତି । କେନ୍ଦୁପତ୍ର ଜଙ୍ଗଲ ବିଭାଗ ସଂଗ୍ରହ କରୁଛି ଓ ଓଡିଶା ଜଙ୍ଗଲ ବିକାଶ ନିଗମ ଏହାକୁ ବିକୁଛି । ଜଙ୍ଗଲ ବିଭାଗର କେନ୍ଦୁପତ୍ର ବିଭାଗର ସମସ୍ତ ଖର୍ଚ୍ଚ ଏହି କେନ୍ଦୁପତ୍ର ବ୍ୟବସାୟରୁ ବହନ କରାଯାଇଥାଏ, ୨୦୧୦ରେ ଏହାର ପରିମାଣ ୩୩.୬୮କୋଟି । ଏହି ବ୍ୟବସାୟର ଲାଭରୁ ଓଡିଶା ଜଙ୍ଗଲ ବିକାଶ ନିଗମ ୮ପ୍ରତିଶତ କମିଶନ ନିଏ ଯାହାର ପରିମାଣ ୨୦୧୦ରେ ୩୧.୪୫ କୋଟି । ଜଙ୍ଗଲ ବିଭାଗର କେନ୍ଦୁପତ୍ର ବିଭାଗର ସମସ୍ତ ଖର୍ଚ୍ଚ ଓ ଜଙ୍ଗଲ ବିକାଶ ନିଗମର ସମସ୍ତ ଖର୍ଚ୍ଚ ପ୍ରଦାନ ପରେ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାର ରୟାଲିଟି ହିସାବରେ ପାଆନ୍ତି ଯାହାର ପରିମାଣ ୨୦୧୦ରେ ୧୪୦.୦୨ କୋଟି । ଏହାକୁ ଯଦି ୭.୫ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ ତେବେ ପ୍ରତ୍ୟେକ ପରିବାରକୁ ୧୮୬୬ଟଙ୍କା ମିଳିବ ।

ଜୁଲାଇ ୧୨, ୨୦୧୨ରେ ଆଦିବାସୀ ମନ୍ତ୍ରଣାଳୟ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା ସଂପର୍କରେ ଏକ ଗାଇଡ୍ ଲାଇନ୍ ପ୍ରକାଶ କରିଥିଲେ । ଏଥିରେ ସ୍ପଷ୍ଟ ଭାବେ କୁହଯାଇଛି ଯେ ରାଜ୍ୟ ସରକାରଙ୍କ ଏକଚାଟିଆ କେନ୍ଦୁପତ୍ର ପରି ବିଭିନ୍ନ ଲଘୁ ବନଜାତ ଦ୍ରବ୍ୟର ବ୍ୟବସାୟ ଜଙ୍ଗଲ ଅଧିକାର ସୀକୃତି ଆଇନ ବିରୋଧୀ ଅଟେ ଓ ରାଜ୍ୟ ସରକାର ଏହାକୁ ଶେଷ କରିବା ଦରକାର ଓ ଜଙ୍ଗଲ ଅଧିକାରୀମାନଙ୍କ ପୂର୍ଣ୍ଣ ସାଧୀନତାର ସହ ସମସ୍ତ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ, ପକ୍ରିୟାକରଣ, ମୂଲ୍ୟଯୁକ୍ତ କରିବା, ସ୍ଥାନାନ୍ତରଣ କରିବା ଓ ବ୍ୟବସାୟ କରିବାକୁ ଛାଡିବା ଦରକାର । ଜଙ୍ଗଲ ଅଧିକାର ନିୟମ ୨୦୧୨ର ଧାରା ୪.୨(ଘ)ରେ ଏହା ମଧ୍ୟ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଟ୍ରାନଜିଟ୍ ପରମିଟ୍ ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯିବ ଓ ନିୟମର ଧାରା ୧(ଙ) ଅନୁସାରେ ଗ୍ରାମସଭା ଦ୍ୱାରା ତିଆରିହୋଇଥିବା କମିଟି ବା ଗ୍ରାମସଭା ଦ୍ୱାରା ଅନୁମୋଦିତ ବ୍ୟକ୍ତି ଟ୍ରାନଜିଟ ପରମିଟ୍ ପ୍ରଦାନ କରିବେ ଓ ଟ୍ରାନଜିଟ୍ ପରମିଟ୍ ସଂପର୍କୀୟ କୌଣସି ପ୍ରକ୍ରିୟା ଗତ ଆବଶ୍ୟକତା ଲଘୁ ବନଜାତ ଦ୍ରବ୍ୟର ବିକ୍ରିର ଅଧିକାରକୁ କ୍ଷୁଣ୍ଣ ନ କରିବା ଦରକାର । ଏହାସତ୍ତ୍ୱେ ଓଡିଶା ସରକାର ଟ୍ରାନଜିଟ୍ ପରମିଟ୍ ରୁଲର ପରିବର୍ତ୍ତନ ଓ ଗ୍ରାମସଭାର କମିଟି ବା ଗ୍ରାମସଭା ଦ୍ୱାରା ଅନୁମୋଦିତ କମିଟି ଦ୍ୱାରା ଟ୍ରାନଜିଟ୍ ପରମିଟ୍ ଦେବା ପାଇଁ କିଛି ବ୍ୟବସ୍ଥା କରାଇ ନାହାନ୍ତି ।

<u>ଆମର ଦାବି-</u>

- ଯେଉଁ ୫୪୫ ଗ୍ରାମକୁ ଗୋଷ୍ଠୀଗତ ଅଧିକାର ପତ୍ର ପ୍ରଦାନ କରାଯାଇଛି ତାକୁ ପୁନର୍ବାର ପ୍ରକ୍ରିୟା ଆରମ୍ଭ କରି ଗ୍ରାମର ପାରମ୍ପରିକ ସୀମାରେ ଥିବା ଜଙ୍ଗଲ ଅଞ୍ଚଳରେ ଗୋଷ୍ଠୀ ଗତ ଅଧିକାରର ଗୁଡିକ ଠିକ ଭାବେ ଚିହ୍ନଟ କରି ସୀକୃତି ପତ୍ର ପ୍ରଦାନ କରାଯାଉ ।
- ସମସ୍ତ ଗ୍ରାମକୁ ତୁରନ୍ତ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଓ ଅନୟାନ୍ୟ ଗୋଷ୍ଠୀଗତ ଜଙ୍ଗଲ ଅଧିକାରଗୁଡିକ ସୀକୃତି ପତ୍ର ଆଇନ ଅନୁସାରେ ପ୍ରଦାନ କରାଯାଉ । ଏଥିପାଇଁ ପ୍ରତ୍ୟେକ ଗ୍ରାମସଭା ସ୍ଥରରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉ, ଜଙ୍ଗଲ ଅଧିକାର କମିଟିର ପ୍ରେସିଡେଣ୍ଟ ଓ ସେକ୍ରେଟାରୀମାନଙ୍କୁ ଜଙ୍ଗଲ ଅଧିକାର ଦାବି ପ୍ରକ୍ରିୟା ସମ୍ବନ୍ଧୀୟ ତାଲିମ୍ ପ୍ରଦାନ କରାଯାଉ। ଉପଖଣ୍ଡସ୍ତରୀୟ କମିଟି ମାଧ୍ୟମରେ ଜଙ୍ଗଲ ଅଧିକାର କମିଟି ଓ ଗ୍ରାମସଭାକୁ ଆବଶ୍ୟକ ସହଯୋଗ ପ୍ରଦାନ କରାଯାଉ।
- ଗୋଷ୍ଠୀ ଜଙ୍ଗଲ ସମ୍ବଳର ପରିଚାଳନା ନିମନ୍ତେ ସରକାରଙ୍କ ତରଫରୁ ଆବଶ୍ୟକୀୟ ସହଯୋଗ ପ୍ରଦାନ କରାଯାଉ । ଜଙ୍ଗଲ ବିଭାଗ ଦ୍ୱାରା ପ୍ରଚଳିତ କାର୍ଯ୍ୟକରି ଯୋଜନା ଗୋଷ୍ଠୀ ଜଙ୍ଗଲ ଅଞ୍ଚଳରେ ରଦ୍ଦ କରାଯାଉ । ଗ୍ରାମସଭା ଦ୍ୱାରା ଅନୁମୋଦିତ ସଂରକ୍ଷଣ ଓ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବାରେ ସରକାର ଗ୍ରାମସଭାକୁ ପଞ୍ଚାୟତ ମାଧ୍ୟମରେ ଅନୁଦାନ ପ୍ରଦାନ କରାଯାଉ । ।
- ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଞ୍ଚଳରୁ ସରକାର ବାଉଁଶ କାଟିବା ବନ୍ଦ କରନ୍ତୁ । ବାଉଁଶର ଓ ଏଥିରୁ ପ୍ରସ୍ତୁତ ସାମଗ୍ରୀକୁ ବିକ୍ରୀ ପାଇଁ ସରକାର ପଞ୍ଚାୟତରାଜ ବିଭାଗ ଦ୍ୱାରା ଗ୍ରାମସଭାକୁ ସହଯୋଗ କରନ୍ତୁ।

- ୨୦୦୬ ମସିହାରୁ କେନ୍ଦୁପତ୍ରରୁ ସରକାରର ପ୍ରତି ବର୍ଷ ପାଇଥିବା ଲାଭକୁ କେନ୍ଦୂପତ୍ର ତୋଳାଳି ପରିବାର(୭.୫ ଲକ୍ଷ) ମଧ୍ୟରେ ବାଣ୍ଟିଦିଆଯାଉ । କେନ୍ଦୁପତ୍ରରେ ଖୋଲା ବ୍ୟବସାୟ କରାଯିବା ପାଇଁ ବ୍ୟବସ୍ଥା କରାଯାଉ ।
- ଲଘୁ ବନଜାତ ଦ୍ରବ୍ୟ ବ୍ୟବସାୟ ପାଇଁ ଗ୍ରାମସଭା/କୋପରେଟିଭମାନଙ୍କୁ ଭିତ୍ତିଭୂମି ତିଆରି କରିବା ପାଇଁ ଅନୁଦାନ ପ୍ରଦାନ କରିବା ସହ ବ୍ୟବସାୟ ପାଇଁ ଅଳ୍ପ ସୁଧ ହାରରେ ଋଣର ବ୍ୟବସ୍ଥା କରାଯାଉ । ଏଥିପାଇଁ ଓଡ଼ିଶା ସରକାରଙ୍କର ପଞ୍ଚାୟତରାଜ ବିଭାଗକୁ ଗ୍ରାମସଭା / କୋପରେଟିଭ୍‌ମାନଙ୍କର ଦକ୍ଷତା ବୃଦ୍ଧି ଓ ବ୍ୟବସାୟକୁ ସୁଦୃଢ଼ କରିବାପାଇଁ ଦାୟିତ୍ୱ ପ୍ରଦାନ କରାଯାଉ।

ଉକ୍ତ ଦାବିଗୁଡ଼ିକ ପୂରଣ କରିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆସନ୍ତା ଡିସେମ୍ବର ୧୯ ତାରିଖରେ। ଜନ ସମାବେଶ ଆୟୋଜନ କରାଯିବ। ଜନସମାବେଶା ଆୟୋଜନର ସ୍ଥାନ ନୂଆପଡ଼ା- ଜିଲ୍ଲା ମୂଖ୍ୟ କାର୍ଯ୍ୟାଳୟ, ବଲାଙ୍ଗୀର- ଖପ୍ରାଖୋଲ ବ୍ଲକ୍ କାର୍ଯ୍ୟାଳୟ, କେନ୍ଦୁଝର- ବଂଶପାଳ, ବ୍ଲକ୍ କାର୍ଯ୍ୟାଳୟ, କଟକ - ବଡମ୍ବା, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ- ଜିଲ୍ଲାମୂଖ୍ୟ କାର୍ଯ୍ୟାଳୟ, ବାଲେଶ୍ୱର - ଜିଲ୍ଲା ମୂଖ୍ୟ କାର୍ଯ୍ୟାଳୟ, ବୌଦ୍ଧ - ଜିଲ୍ଲା ମୂଖ୍ୟ କାର୍ଯ୍ୟାଳୟ, ନୟାଗଡ଼- ଜିଲ୍ଲା ମୂଖ୍ୟ କାର୍ଯ୍ୟାଳୟ, ଫୁଲବାଣି- ଜିଲ୍ଲା ମୂଖ୍ୟ କାର୍ଯ୍ୟାଳୟ, କଳାହାଣ୍ଡ - ଜିଲ୍ଲା ମୂଖ୍ୟ କାର୍ଯ୍ୟାଳୟ, ଗଜପତି- ଜିଲ୍ଲା ମୂଖ୍ୟ କାର୍ଯ୍ୟାଳୟ।

ଓଡ଼ିଶା ଜଙ୍ଗଲ ମଞ୍ଚ ଓ ଏହା ସହିତ ଜଡ଼ିତ ସମସ୍ତ ଜିଲ୍ଲା ଜଙ୍ଗଲ ମଞ୍ଚ,
ଆଞ୍ଚଳିକ ମହାସଂଘ, ମଦନପୁର, ରାମପୁର କଳାହାଣ୍ଡି
ଦଡ଼୍କି ପାବୁରିଆ ଆଞ୍ଚଳିକ ମହାସଂଘ, ଫୁଲବାଣୀ
ଭୂୟାଁପିଡ଼ ଆଞ୍ଚଳିକ ମହାସଂଘ, କେନ୍ଦୁଝର
ଆଞ୍ଚଳିକ ମହାସଂଘ, କନ୍‌ଗା ବଲାଙ୍ଗୀର
ଜୁଆଙ୍ଗ ମହାସଭା, ଗୋନାସିକା, ବଂଶପାଳ।